**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡ଼**
**(ସ୍ୱତନ୍ତ୍ର ଭୂ-ଅର୍ଜନ [ରେଳପଥ] ପ୍ରକୋଷ୍ଠ)**

**ସଂଖ୍ୟା** ୨୪୨ **/୨୦୨୬** **ତା** ୦୮ **/୦୧/୨୦୨୬ ରିଖ**

**ବିଜ୍ଞାପନ**

ଭୂମି ଅଧିଗ୍ରହଣ, ପୁନର୍ବାସ ଏବଂ ଥଇଥାନ ପାଇଁ ନ୍ୟାୟୋଚିତ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଆଇନ-୨୦୧୩ ଧାରା ୭ର ଉପଧାରା ୧ ମୁତାବକ **"ବିଜୟନଗରମ-ଟିଟିଲାଗଡ ତୃତୀୟ ରେଳପଥ ପ୍ରକଳ୍ପର ବିଷମକଟକ ଠାରୁ ଜିମିଦିପେଟା ସେକ୍ସନ"**ନିର୍ମାଣର ଜମି ଅଧିଗ୍ରହଣ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀର ମୂଲ୍ୟାୟନ ନିମିତ୍ତ ଗଠିତ ଜିଲ୍ଲାସ୍ତରୀୟ ବିଶେଷଜ୍ଞ ଗୋଷ୍ଠୀର ତା ୨୦.୦୧.୨୦୨୬ରିଖଅପରାହ୍ନ ଘ ୦୪ .୦୦ ମି ସମୟରେ ରାୟଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକର ବିବରଣୀ ଓ ସୁପାରିଶ ସମ୍ପର୍କୀୟ ବିଜ୍ଞାପନ ଓଡିଶା ଭୂ-ଅର୍ଜନ ନିୟମାବଳୀ, ୨୦୧୬ର ଧାରା୧୬ ମୁତାବକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏଥିସହ ସଂଲଗ୍ନ କରାଯାଇ ପ୍ରକାଶ କରାଗଲା । ଏହି ବିଜ୍ଞପ୍ତି ରାଜ୍ୟ ସରକାର ଓ ରାୟଗଡ଼ଜିଲ୍ଲାପାଳଙ୍କ ୱେବସାଇଟରେ ଉପଲବ୍ଧ ହେବ ।

**ଅତିରିକ୍ତ ଜିଲ୍ଲାପାଳ, ରାୟଗଡ଼**

**ପରିପତ୍ର ସଂଖ୍ୟା** ୨୪୩ **/୨୦୨୬** **ତା** ୦୮ **/୦୧/୨୦୨୬ ରିଖ**

ଏହାର ଏକକିତା ନକଲ ବିଶେଷଜ୍ଞ ଗୋଷ୍ଠୀର ସମସ୍ତ ସଦସ୍ୟଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ, ରାୟଗଡ଼**

**ପରିପତ୍ର ସଂଖ୍ୟା** ୨୪୪ **/୨୦୨୬** **ତା** ୦୮ **/୦୧/୨୦୨୬ ରିଖ**

ଏହାର ଏକକିତା ନକଲ ସଂଯୋଜକ,ଏନ.ସି.ଡି.ଏସ., ଭୁବନେଶ୍ୱରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ, ରାୟଗଡ଼**

**ପରିପତ୍ର ସଂଖ୍ୟା** ୨୪୫ **/୨୦୨୬** **ତା** ୦୮ **/୦୧/୨୦୨୬ ରିଖ**

ଏହାର ଏକକିତା ନକଲ ତହସିଲଦାର, ରାୟଗଡଙ୍କଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ସରପଞ୍ଚ,ପିତାମହଲ ଅବଗତି କରାଯିବା ନିମନ୍ତେ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ ଓଡିଶା ଭୂ-ଅର୍ଜନ ନିୟମାବଳୀ ୨୦୧୬ ଆଇନର ନିୟମ ୧୫ ମୁତାବକ ଗ୍ରାମର ସାର୍ବଜନୀନ ସ୍ଥଳୀରେ ଅନ୍ତତଃ ଦୁଇଜଣ ଗ୍ରାମବାସୀଙ୍କ ସ୍ୱାକ୍ଷର ନେଇ ପ୍ରକାଶନ କରିବା ନିମନ୍ତେ ଅନୁରୋଧ କରାଗଲା।

**ଅତିରିକ୍ତ ଜିଲ୍ଲାପାଳ, ରାୟଗଡ଼**

**ପରିପତ୍ର ସଂଖ୍ୟା** ୨୪୬ **/୨୦୨୬** **ତା** ୦୮ **/୦୧/୨୦୨୬ ରିଖ**

ଏହାର ଏକକିତା ନକଲ ଯୁଗ୍ମ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା, ଭୁବନେଶ୍ୱରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ଓଡିଶା ସରକାରଙ୍କ ୱେବସାଇଟରେ ପ୍ରକାଶନ କରିବା ପାଇଁ ଅନୁରୋଧ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ, ରାୟଗଡ଼**

**ଭୂମି ଅଧିଗ୍ରହଣ, ପୁନର୍ବାସ ଏବଂ ପୁନଃ ଥଇଥାନ ପାଇଁ ନ୍ୟାୟୋଚିତ କ୍ଷତିପୂରଣ ଏବଂ ସ୍ୱଛତା ଅଧିକାର ଆଇନ, ୨୦୧୩ ଅନୁଯାୟୀ ଓଡିଶାର ରାୟଗଡା ଜିଲ୍ଲାରେ "ବିଜୟନଗରମ-ଟିଟିଲାଗଡ ତୃତୀୟ ରେଳପଥ ପ୍ରକଳ୍ପର ବିଷମକଟକ ଠାରୁ ଜିମିଦିପେଟା ସେକ୍ସନ" ନିର୍ମାଣର ଜମି ଅଧିଗ୍ରହଣ ନିମନ୍ତେ ପ୍ରଭାବିତ ହେଉଥିବା ରାୟଗଡା ତହସିଲ ଅନ୍ତର୍ଗତ ଦୁଇଟି ଗ୍ରାମର ସାମାଜିକ ପ୍ରଭାବ ନିର୍ଦ୍ଧାରଣ ବିବରଣୀର ମୂଲ୍ୟାୟନ ନିମିତ୍ତ ଗଠନ କରାଯାଉଥିବା ଜିଲ୍ଲା ସ୍ତରୀୟ ବହୁ-ଶୃଙ୍ଖଳିତ ବିଶେଷଜ୍ଞ କମିଟିର ତା ୨୦.୦୧.୨୦୨୬ ରିଖ ଅପରାହ୍ନ ୦୪.୦୦ ଘଟିକା ସମୟରେ ରାୟଗଡ଼ଠାରେ ଅନୁଷ୍ଠିତ ହେଇଥିବା ବୈଠକର ସଂକ୍ଷିପ୍ତ ବିବରଣୀ।**

**********************

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଭୂମି ଅଧିଗ୍ରହଣ, ପୁନର୍ବାସ ଏବଂ ପୁନଃ ଥଇଥାନ ପାଇଁ ନ୍ୟାୟୋଚିତ କ୍ଷତିପୂରଣ ଏବଂ ସ୍ୱଛତା ଅଧିକାର ଆଇନ, ୨୦୧୩ ର  ଧାରା ୭ ର ଉପଧାରା ୧ ମୁତାବକ ସରକାରଙ୍କ ନିକଟକୁ ଏକ ସୁପାରିଶ ପତ୍ର ପ୍ରଦାନ କରାଯିବା ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ରାୟଗଡ଼ଙ୍କ ଅଧକ୍ଷତାରେ, **"ବିଜୟନଗରମ-ଟିଟିଲାଗଡ ତୃତୀୟ ରେଳପଥ ପ୍ରକଳ୍ପର ବିଷମକଟକ ଠାରୁ ଜିମିଦିପେଟା ସେକ୍ସନ"** ନିର୍ମାଣର ଜମି ଅଧିଗ୍ରହଣ ନିମନ୍ତେ ରାୟଗଡା ତହସିଲ ଅନ୍ତର୍ଗତ ଦୁଇଟି ଗ୍ରାମର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀର ମୂଲ୍ୟାୟନ ନିମିତ୍ତ ଗଠିତ ଜିଲ୍ଲାସ୍ତରୀୟ ବିଶେଷଜ୍ଞ ଗୋଷ୍ଠୀର ବୈଠକ ରାୟଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏଥିରେ ନିମ୍ନଲିଖିତ ସଦସ୍ୟ ତଥା ଅଧିକାରୀଗଣ ଉପସ୍ଥିତ ଥିଲେ ।

**୧) ଶ୍ରୀ ନିହାର ରଞ୍ଜନ କହଁର, ଅତିରିକ୍ତ ଜିଲ୍ଲାପାଳ, ରାୟଗଡ - ଅଧକ୍ଷ**
**୨) ଶ୍ରୀ ସିଦ୍ଧାର୍ଥ ପଣ୍ଡା, ଡେପୁଟି କଲେକ୍ଟର, ଉପଜିଲ୍ଲାପାଳ, ରାୟଗଡଙ୍କ ତରଫେ -ସଦସ୍ୟ**
**୩) ଶ୍ରୀ ଭଞ୍ଜନ କହଁର, ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ରାୟଗଡ - ଆବାହକ**
**୪) ଶ୍ରୀମତୀ ପ୍ରିୟଦର୍ଶିନୀ ସ୍ୱାଇଁ, ତହସିଲଦାର, ରାୟଗଡ - ସଦସ୍ୟ**
**୫) ଶ୍ରୀମତୀ ସ୍ମୃତିରେଖା ନାୟକ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ,**
**ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରାୟଗଡଙ୍କ ତରଫେ - ସଦସ୍ୟ**
**୬) ଶ୍ରୀମତୀ ରଶ୍ମିରେଖା ପାତ୍ର, ସହାୟକ ପରିଚାଳିକା, ରେଳ ବିକାଶ ନିଗମ ଲିମିଟେଡ**
**ମୁଖ୍ୟ ପ୍ରକଳ୍ପ ପରିଚାଳକ, ରେଳ ବିକାଶ ନିଗମ ଲିମିଟେଡଙ୍କ ତରଫେ - ସଦସ୍ୟ**
**୭) ଶ୍ରୀ ଟୁଟୁ ତାଡିଙ୍ଗି, ସରପଞ୍ଚ, ପିତାମହଲ ଗ୍ରାମ ପଞ୍ଚାୟତ - ସଦସ୍ୟ**

ବୈଠକ ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ତଥା ବିଶେଷଜ୍ଞ ଗୋଷ୍ଠୀର ଅଧକ୍ଷ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ ଜ୍ଞାପନ କରିଥିଲେ ଏବଂ ଶ୍ରୀ ଭଞ୍ଜନ କହଁର, ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ରାୟଗଡ (ଆବାହକ) ବୈଠକର ଉଦ୍ଦେଶ୍ୟ ବିଷୟରେ ବିଶଦ ସୂଚନା ପ୍ରଦାନ କରିଥିଲେ । ପ୍ରକଳ୍ପର ସାମାଜିକ ପ୍ରଭାବ ଆକଳନ ଉପରେ ମୂଲ୍ୟାୟନ ପାଇଁ ଗଠିତ ବିଶେଷଜ୍ଞ ଗୋଷ୍ଠୀର ଭୂମିକା ତଥା ବୈଠକର ବିଚାର୍ଯ୍ୟ  ଓ ବିଷୟ ବସ୍ତୁ ଏବଂ ନିଷ୍ପତ୍ତି ସମ୍ପର୍କରେ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ରାୟଗଡ ତଥା ବିଶେଷଜ୍ଞ ଗୋଷ୍ଠୀର ଆବାହକ ସମ୍ୟକ ସୂଚନା ଦେଇଥିଲେ । **"ବିଜୟନଗରମ-ଟିଟିଲାଗଡ ତୃତୀୟ ରେଳପଥ ପ୍ରକଳ୍ପର ବିଷମକଟକ ଠାରୁ ଜିମିଦିପେଟା ସେକ୍ସନ"** ନିର୍ମାଣର ଜମି ଅଧିଗ୍ରହଣ ନିମନ୍ତେ ପ୍ରଭାବିତ ହେଉଥିବା ରାୟଗଡ ଜିଲ୍ଲାର ରାୟଗଡ ତହସିଲ ଅନ୍ତର୍ଗତ **ଦୁଇଟି ଗ୍ରାମ ଯଥା ଜଗନ୍ନାଥପୁର ଏବଂ ଲେଡା ଗ୍ରାମରୁ** ଏ ୧୧.୬୯୧୦ ଡି ବେସରକାରୀ ଜମିର ଅଧିଗ୍ରହଣ ପ୍ରକ୍ରିୟା ଚାଲୁଅଛି । ଏହି ସମ୍ପର୍କରେ ନିମ୍ନୋକ୍ତ ବିଷୟରେ ବିଶେଷଜ୍ଞ ଗୋଷ୍ଠୀଙ୍କ ମଧ୍ୟରେ ଆଲୋଚନା କରାଯାଇଥିଲା ।

**୧) ଜନ ଶୁଣାଣି ସମ୍ବନ୍ଧରେ -**

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସଦସ୍ୟ ମତବ୍ୟକ୍ତ କରିଥିଲେ ଯେ ରାୟଗଡ ତହସିଲ ଅନ୍ତର୍ଗତ ଦୁଇଟି ଗ୍ରାମ ଯଥା **ଜଗନ୍ନାଥପୁର ଏବଂ ଲେଡା** ଗ୍ରାମର ତା- ୧୬/୧୨/୨୦୨୬ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଜଗନ୍ନାଥପୁର ଗ୍ରାମଠାରେ ଗୋଟିଏ ପଞ୍ଚାୟତ ସ୍ତରୀୟ ଜନଶୁଣାଣି ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ପ୍ରକଳ୍ପ ପ୍ରଭାବିତ ପ୍ରଜା ଏବଂ ସରକାରୀ ଅଧିକାରୀଗଣ ଉପସ୍ଥିତ ଥାଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

**୨) ପ୍ରକଳ୍ପ ସାର୍ବଜନୀନ ଉଦ୍ଦେଶ୍ୟ ବିଷୟରେ ଆଲୋଚନା –**

ଉକ୍ତ ପ୍ରକଳ୍ପ ସାର୍ବଜନୀନ ଉଦ୍ଦେଶ୍ୟରେ ନିର୍ମାଣ କରାଯାଉଛି କି ନା ସେ ବିଷୟରେ ଅତିରିକ୍ତ ଜିଲ୍ଲାପାଳ ସମସ୍ତ ସଦସ୍ୟଙ୍କ ମତାମତ ଲୋଡ଼ିଥିଲେ । ଯେହେତୁ ଉକ୍ତ ରେଳପ୍ରକଳ୍ପ ଯୋଗୁଁ ସ୍ଥାନୀୟ ବାସିନ୍ଦାଙ୍କ ବ୍ୟବସାୟ ସମ୍ବନ୍ଧୀୟ ଅଭିବୃଦ୍ଧି, ଜମିବାଡ଼ିର ମୂଲ୍ୟବୃଦ୍ଧି, ନୂତନ ବଜାର ସୃଷ୍ଟି ଏବଂ ରେଳପଥରେ ଯାତାୟତ ସୁବିଧା ଉପଲବ୍ଧ ହେଉଛି । ତେଣୁ ସମସ୍ତ ବିଷୟକୁ ତର୍ଜମା କରି ଏହା ସାର୍ବଜନୀନ ଉଦ୍ଦେଶ୍ୟରେ ନିର୍ମାଣ ହେଉଥିବା ନେଇ ବିଶେଷଜ୍ଞ ଗୋଷ୍ଠୀର ସମସ୍ତ ସଦସ୍ୟ ହୃଦବୋଧ କରିଥିଲେ।

**୩) ପ୍ରକଳ୍ପ ଓ ସମ୍ଭାବ୍ୟ ଉପକାର –**

ସାମାଜିକ ଆଲୋଚନା ରିପୋର୍ଟରୁ ଜଣାପଡେ ଯେ, ଏହି ପ୍ରକଳ୍ପ ଯୋଗୁଁ ସ୍ଥାନୀୟ ବାସିନ୍ଦାଙ୍କ ଆୟ ବୃଦ୍ଧି ହେବ, ବାଣିଜ୍ୟ କାରବାର ବୃଦ୍ଧି ହେବ, ଜମିବାଡିର ମୂଲ୍ୟ ବୃଦ୍ଧି ହେବ । ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନକୁ କମ ଖର୍ଚ୍ଚରେ ଯାତାୟତ କରିହେବ । ଏହା ଛଡା ରେଳପଥ ନିର୍ମାଣ ଏବଂ ରେଲଲାଇନ ରକ୍ଷଣା ବେକ୍ଷଣରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳିବାର ସମ୍ଭାବନା ରହିଅଛି । ତେଣୁ ଏହି ସବୁ ଦୃଷ୍ଟିରୁ ବିଚାର କଲେ ଏହି ପ୍ରକଳ୍ପ ପାଇଁ ଆକଳନ ଖର୍ଚ୍ଚ ଠାରୁ ସମ୍ଭାବ୍ୟ ଉପକାର ଓ ସର୍ବସାଧାରଣ ହିତରେ ମୂଲ୍ୟ ଯଥେଷ୍ଟ ଅଧିକ ଅଟେ ।

**୪) ସର୍ବନିମ୍ନ ଜମି ଅଧିଗ୍ରହଣ ସମ୍ବନ୍ଧରେ –**

ଏହି ଜମିର ପରିମାଣ ବହୁତ କମ ଅଟେ । ରେଳ ବିଭାଗ କର୍ତ୍ତୃପକ୍ଷ ଦର୍ଶାଇଥିଲେ ଯେ, ରେଳପଥ ନିର୍ମାଣ ପାଇଁ ଯେତିକି ଜମି ଆବଶ୍ୟକ କେବଳ ସେତିକି ଜମି ଅଧିଗ୍ରହଣ ନିମନ୍ତେ ପ୍ରସ୍ତାବ ଦିଆଯାଇଅଛି । ଏଥିରେ ସମସ୍ତ ସଦସ୍ୟ ଏକମତ ହୋଇଥିଲେ ଯେ ଏହି ପ୍ରକଳ୍ପ ନିମନ୍ତେ ନିଶ୍ଚିତ ଭାବରେ ସର୍ବନିମ୍ନ ଜମି ଅଧିଗ୍ରହଣ ସକାଶେ ପ୍ରସ୍ତାବିତ ହୋଇଅଛି ।

**୫) ବିସ୍ଥାପନ ବ୍ୟତୀତ ବିକଳ୍ପ ବ୍ୟବସ୍ଥା ଅବଲମ୍ବନ କରାଯିବା ସମ୍ବନ୍ଧେ –**

ସାମାଜିକ ପ୍ରଭାବ ଆକଳନର ରିପୋର୍ଟ ଅନୁଯାୟୀ, ଘରବାରି ଜମି ଅଧିଗ୍ରହଣ ହେଉ ନ ଥିବା ନେଇ ଏବଂ ଏହି ପ୍ରକଳ୍ପ ନିମନ୍ତେ କୌଣସି ବ୍ୟକ୍ତି ବିସ୍ଥାପିତ ହେଉ ନ ଥିବା ସୂଚନା ମିଳୁଛି ।

## ବିଶେଷଜ୍ଞ ଗୋଷ୍ଠୀଙ୍କ ସୁପାରିଶ

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ରିପୋର୍ଟ ଅନୁଧାନ ପୂର୍ବକ ଏବଂ ସଭାରେ ଆଲୋଚନା କରାଯାଇଥିବା ବିଷୟବସ୍ତୁ ଉପରେ ଆଧାରିତ କରି ବିଶେଷଜ୍ଞ ଗୋଷ୍ଠୀଙ୍କ ଦ୍ୱାରା ନିମ୍ନଲିଖିତ ସୁପାରିଶ କରାଗଲା ।

**(କ) "ବିଜୟନଗରମ-ଟିଟିଲାଗଡ ତୃତୀୟ ରେଳପଥ ପ୍ରକଳ୍ପର ବିଷମକଟକ ଠାରୁ ଜିମିଦିପେଟା ସେକ୍ସନ"** ପ୍ରକଳ୍ପ ସାର୍ବଜନୀନ ଉଦ୍ଦେଶ୍ୟରେ ନିର୍ମାଣ କରାଯାଉଅଛି । ସାମାଜିକ ପ୍ରଭାବ ଅଧ୍ୟୟନରୁ ଜଣାପଡେ ଯେ, ଏହି ପ୍ରକଳ୍ପ ଲୋକ ମାନଙ୍କ ବ୍ୟବସାୟ ବାଣିଜ୍ୟ କରବାରକୁ ବୃଦ୍ଧି କରିବ । ଏହା ସ୍ଥାନୀୟ ଲୋକଙ୍କ ଜମିବାଡ଼ିର ମୂଲ୍ୟ ବୃଦ୍ଧି କରିବ । ଏହା ଲୋକଙ୍କ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିବ । ଏହା ବ୍ୟତୀତ ବିଶେଷକରି ଏହି ଅଞ୍ଚଳର ଲୋକମାନେ ୩ୟ ରେଳପଥକୁ ବିରୋଧ କରୁ ନାହାନ୍ତି । ଏହିସବୁ ଦୃଷ୍ଟିରୁ ବିଚାର କଲେ ଏହି ପ୍ରକଳ୍ପ ସାର୍ବଜନୀନ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ।

**(ଖ)** ଉକ୍ତ ପ୍ରକଳ୍ପ ନିମନ୍ତେ ୦୨ ଗୋଟି ଗ୍ରାମରୁ କେବଳ ଏ ୧୧.୬୯୧୦ ଡି ଜମି ଅଧିଗ୍ରହଣ କରାଯିବ । ରେଳପଥ ନିର୍ମାଣ ପାଇଁ ଯେତିକି ଜମି ଆବଶ୍ୟକ କେବଳ ସେତିକି ଜମି ଅଧିଗ୍ରହଣ ନିମନ୍ତେ ପ୍ରସ୍ତାବ ଦିଆଯାଇଛି । ଏଥିରୁ ସ୍ପଷ୍ଟ ଯେ ଏହି ପ୍ରକଳ୍ପ ନିମନ୍ତେ ନିଶ୍ଚିତ ଭାବରେ ସର୍ବନିମ୍ନ ଜମି ଅଧିଗ୍ରହଣ ପ୍ରସ୍ତାବିତ ହୋଇଅଛି ।

**(ଗ)** ଏଠାରେ ପୁନର୍ବାସ ଓ ଥଇଥାନ ନୀତିର ଆବଶ୍ୟକତା ନାହିଁ । କ୍ଷତିଗ୍ରସ୍ତ ଲୋକଙ୍କୁ ଭୂ-ଅର୍ଜନ ଆଇନ ୨୦୧୩ ଏବଂ ଓଡିଶା ଭୂ-ଅର୍ଜନ ନିୟମାବଳୀ ୨୦୧୬ ମୁତାବକ ଜମି, ବୃକ୍ଷ, ନଳକୂପ ଇତ୍ୟାଦିର ମୂଲ୍ୟାୟନ କରାଯାଇ କ୍ଷତି ପୂରଣ ରାଶି ପ୍ରଦାନ କରାଯିବ । ଉକ୍ତ ପ୍ରକଳ୍ପ ଅନ୍ତର୍ଗତ ଏହି ଗ୍ରାମଗୁଡିକରୁ କୌଣସି ବ୍ୟକ୍ତି ବିସ୍ଥାପିତ ହେଉ ନାହାଁନ୍ତି ।

**(ଘ) ରେଳଧାରଣା ତଳି ରାସ୍ତାର ବ୍ୟବସ୍ଥା -** ରେଳ ଧାରଣା ଯୋଗୁଁ ଧାରଣା ପାର ହୋଇ ନିଜ କୃଷି ଜମିକୁ ଯିବା ସ୍ଥାନୀୟ ଲୋକଙ୍କ ପାଇଁ କଷ୍ଟସାଧ ହେବ ଏତଦ ବ୍ୟତୀତ ଦୁର୍ଘଟଣାର ଆଶଙ୍କା ମଧ ରହିଛି । ଏହାକୁ ପ୍ରତିହତ କରିବା ପାଇଁ ଭୂତଳ ରାସ୍ତା ସୁବିଧା କରାଯିବା ଉଚିତ । ଏଥିନିମନ୍ତେ ବିଶେଷଜ୍ଞ ଦଳ ରେଳବାଇ କର୍ତ୍ତୃପକ୍ଷଙ୍କୁ ଉଚିତ ପଦକ୍ଷେପ ନେବା ନିମନ୍ତେ ଅନୁରୋଧ କରିଥିଲେ । ଏହାର ଉତ୍ତରରେ ରେଳ ବିକାଶ ନିଗମ ଲିମିଟେଡ୍‌ର ସହାୟକ ପରିଚାଳିକା ଶ୍ରୀମତୀ ରଶ୍ମିରେଖା ପାତ୍ର ମହୋଦୟା ଜଣାଇଥିଲେ ଯେ, ଏହି ତୃତୀୟ ରେଳପଥ ପ୍ରକଳ୍ପର ଅନ୍ତର୍ଗତ ଏପରି କୌଣସି ପ୍ରାବଧାନ (provision) ନାହିଁ । ଯେହେତୁ ଅନ୍ୟୁନ ୮୦୦ ମିଟର ଦୂରତାରେ ଗୋଟିଏ ଭୂତଳ ରାସ୍ତା ଥିବା ଯୋଗୁଁ ଆଉ ଏକ ଭୂତଳ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ନାହିଁ ବୋଲି ଶ୍ରୀମତୀ ପାତ୍ର ଜଣାଇଥିଲେ।

**(ଙ)** ରେଳପଥ ପ୍ରକଳ୍ପ ସମାପ୍ତି ପରେ ପ୍ରକଳ୍ପ ସ୍ଥଳୀରେ ରହିଯାଉଥିବା ସମସ୍ତ ପ୍ରକାରର ଅବଶିଷ୍ଟ ଅଂଶଗୁଡିକୁ ସଫା କରି ଅପସାରଣ କରାଯିବା ସମ୍ପର୍କରେ, ରେଳ ବିକାଶ ନିଗମ ଲିମିଟେଡ୍‌ର ସହାୟକ ପରିଚାଳିକା ଶ୍ରୀମତୀ ରଶ୍ମିରେଖା ପାତ୍ର ମହୋଦୟାଙ୍କ ଦ୍ୱାରା ନିଶ୍ଚିତତା ପ୍ରଦାନ କରାଯାଇଥିଲା।

ଏହାପରେ ଅତିରିକ୍ତ ଜିଲ୍ଲାପାଳ ତଥା ଅଧକ୍ଷ, ଉପସ୍ଥିତ ଥିବା ସରପଞ୍ଚଙ୍କୁ ଏହି ପ୍ରକଳ୍ପ ଦ୍ୱାରା ଭୂମି ଅଧିଗ୍ରହଣ ଜନିତ ସମସ୍ୟା ବିଷୟରେ ଜଣାଇବା ନିମନ୍ତେ ଅନୁରୋଧ କରିଥିଲେ । ଏହାର ପ୍ରତ୍ୟୁତ୍ତରରେ ପିତାମହଲ ଗ୍ରାମ ପଞ୍ଚାୟତର ସରପଞ୍ଚ ମହୋଦୟ, ପ୍ରଭାବିତ ଗ୍ରାମବାସୀମାନଙ୍କ ପକ୍ଷରୁ ଏହି ଦାବି ଉପସ୍ଥାପନା କରିଥିଲେ ଯେ, ରେଳ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅଧିଗ୍ରହଣ ହେବାକୁ ଥିବା ଜମି ପାଇଁ ପ୍ରତି ଏକର ଉଚ୍ଚତର କ୍ଷତିପୂରଣ ପ୍ରଦାନ କରାଯାଉ । ଏହା ସନ୍ଦର୍ଭରେ ଅତିରିକ୍ତ ଜିଲ୍ଲାପାଳ ତଥା ଅଧକ୍ଷ ମହୋଦୟ ଏବଂ ରେଳ ବିକାଶ ନିଗମ ଲିମିଟେଡ୍‌ର ସହାୟକ ପରିଚାଳିକା ଶ୍ରୀମତୀ ରଶ୍ମିରେଖା ପାତ୍ର ମହୋଦୟା ଅବଗତ କରାଇଥିଲେ ଯେ, ଜମିର ବେଞ୍ଚମାର୍କ ଦର ଆକଳନ କରାଯିବ ଏବଂ "ଭୂମି ଅଧିଗ୍ରହଣ, ପୁନର୍ବାସ ଓ ପୁନଃ ଥଇଥାନ ପାଇଁ ନ୍ୟାୟୋଚିତ କ୍ଷତିପୂରଣ ଓ ସ୍ୱଚ୍ଛତା (ଆର.ଏଫ.ସି.ଟି.ଏଲ.ଏ.ଆର.ଆର) ଅଧିନିୟମ–୨୦୧୩" (ଯଥାପ୍ରସଙ୍ଗିକ ସଂଶୋଧନ ସହିତ) ଅନୁଯାୟୀ ନ୍ୟାୟୋଚିତ କ୍ଷତିପୂରଣ ପ୍ରଦାନ କରାଯିବ।

ସର୍ବ ଶେଷରେ ଅତିରିକ୍ତ ଜିଲ୍ଲାପାଳ ତଥା ଅଧକ୍ଷ ଉପସ୍ଥିତ ଥିବା ସମସ୍ତ ସଦସ୍ୟ/ ପ୍ରତିନିଧି ମାନଙ୍କୁ ଧନ୍ୟବାଦ ସହିତ ସଭାସଙ୍ଗ କରିଥିଲେ ।

**ଅତିରିକ୍ତ ଜିଲ୍ଲାପାଳ ତଥା ଅଧକ୍ଷ, ବିଶେଷଜ୍ଞ ଗୋଷ୍ଠୀ**
**ରାୟଗଡ**